# ଦୋହା, କତାରରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ

ଫେବୃଆରୀ 14, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କତାର ଗସ୍ତରେ ଆଜି ଦୋହାରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହା ଦ୍ୱିତୀୟ କତାର ଗସ୍ତ, 2016 ଜୁନରେ ସେ ପ୍ରଥମ ଥର ପାଇଁ କତାର ଗସ୍ତ କରିଥିଲେ ।

2. ବିମାନ ବନ୍ଦରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମହାମହିମ ଶ୍ରୀ ସୋଲତାନ ବିନ୍ ସାଦ ଅଲ-ମୁରାଇଖୀ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ।

3. ଦୁଇ ଦିନିଆ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଆଜି ରାତିରେ କତାର ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ ରହମାନ ଅଲ୍ ଥାନିଙ୍କ ଦ୍ୱାରା ତାଙ୍କ ସମ୍ମାନରେ ଆୟୋଜିତ ରାତ୍ରୀ ଭୋଜନରେ ଯୋଗ ଦେବେ । ଫେବୃଆରୀ 15 ତାରିଖରେ ପ୍ରଧାନମନ୍ତ୍ରୀ କତାରର ଅମୀର ଶେଖ୍ ତମିମ୍ ବିନ୍ ହମାଦ ଅଲ୍ ଥାନିଙ୍କୁ ଭେଟି ଦ୍ୱିପାକ୍ଷିକ ତଥା ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଆଲୋଚନା କରିବେ ।

**ଦୋହା**
**ଫେବୃଆରୀ 14, 2024**